# APPENDIX A TO SCHEDULE III

# ବ୍ୟାସନଗର ପୌର ପରିଷଦ

## ପ୍ରେସ୍ ବିଜ୍ଞପ୍ତି

No.C-୧୪୯୧:- ବ୍ୟାସନଗର ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା **ତା୧୦।୦୨।୨୦୨୨ରିଖ** ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା **ବ୍ୟାସନଗର ପୌରପାଳିକା** କାର୍ଯ୍ୟାଳୟରେ **ତା୧୧।୦୨।୨୦୨୨ରିଖରୁ ତା୧୫।୦୨।୨୦୨୨ରିଖ** ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ. III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **ତା୧୧।୦୨।୨୦୨୨ରିଖରୁ ତା୧୬।୦୨।୨୦୨୨ରିଖ** ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ, ସେମାନେ ମଧ୍ୟ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ **ତା୧୧।୦୨।୨୦୨୨ରୁ ତା୧୬।୦୨।୨୦୨୨** ମଧ୍ୟରେ ଦାଖଲ କରିପାରିବେ। ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IVରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ। ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ୍ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ୍, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ୍ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ ।

**ସ୍ୱା./- ନିର୍ବାଚନ ଅଧିକାରୀ**
**ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର**
**ଯାଜପୁର**

OIPR-13092/11/0022/2122